## ସଂକ୍ଷେପରେ

### ଆଠମଲ୍ଲିକକୁ ଜିଲ୍ଲା ମାନ୍ୟତା ଦାବି

**ଆଠମଲ୍ଲିକ, ୧୭।୧୨ (ଡି.ଏନ.ଏ.):** ଆଠମଲ୍ଲିକ ଦୁର୍ଗାବଜାରସ୍ଥିତ କିଶୋର କ୍ଲବରେ ଆଠମଲ୍ଲିକ ଉନ୍ନତି ବିଚାର ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରାମାନନ୍ଦ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷାବିତ୍ ପୀତାମ୍ବର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। କୃଷକ ନେତା



ଦେବେନ୍ଦ୍ର ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ସଞ୍ଜୀବ ନାରାୟଣ ମିଶ୍ର, ଭାଜପା ନେତା ଚିତ୍ତ ରଞ୍ଜନ ପ୍ରଧାନ, ସଂକୀର୍ତ୍ତନ ମେଣ୍ଟୁଲି, ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ରଣା, ବରିଷ୍ଠ ନାଗରିକ ବୀରେନ୍ଦ୍ର ମିଶ୍ର, କଶ୍ୟପ ଖେତୀ, ଜୟନାରାୟଣ ମିଶ୍ର, ସଂଗ୍ରାମ ମହାପାତ୍ର ପ୍ରମୁଖ ଯୋଗଦେଇ ଆଠମଲ୍ଲିକକୁ ଜିଲ୍ଲାର ମାନ୍ୟତା ଦେବାକୁ ଦାବି କରିଥିଲେ। ଏ ନେଇ ଏକ କମିଟି ଗଠନ କରାଯାଇଥିଲା। ଉପଖଣ୍ଡର ପ୍ରତି ପଞ୍ଚାୟତକୁ ଯାଇ କମିଟିର କର୍ମକର୍ତ୍ତାମାନେ ଲୋକଙ୍କ ସହିତ ଯୋଗାଯୋଗ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଅନୁଗୋଳ ଅଫିସ,୧୭।୧୨:** ଅନୁଗୋଳ ସଦର ଥାନା ରାମେଶ୍ୱର ମନ୍ଦିର ସାହିରେ ରହୁଥିବା ଅଜିତ କୁମାର ଦାସଙ୍କ ଘରେ ପଶି ଦୁର୍ବୃତ୍ତମାନେ କଳାକନା ବୁଲାଇ ଦେଇଛନ୍ତି। ଏ ନେଇ ସେ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଅଜିତ ପରିବାର ଲୋକଙ୍କ ସହ ଗାଁକୁ ଯାଇଥିଲେ। ସେ ଶନିବାର ଫେରିବା ପରେ ଘର କବାଟ ଓ ଝରକା ତଡ଼ା ଯାଇ ନଗଦ ୫୦ ହଜାର ଟଙ୍କା, ୪୦ ଗ୍ରାମ ସୁନା ଓ ଦେଢ଼ କିଲୋଗ୍ରାମ ରୁପା ଅଳଙ୍କାର ଚୋରି ହୋଇଥିବା ଜାଣି ଅଭିଯୋଗ କରିଥିଲେ।

### ଧାନ ବିକ୍ରୟ ପାଇଁ ଟୋକନ

**ଅନୁଗୋଳ ଅଫିସ,୧୭।୧୨:** ୨୦୨୨-୨୩ ଖରିଫ ବର୍ଷ ପାଇଁ ଅନୁଗୋଳ ଜିଲାରେ ଚାଷୀମାନଙ୍କଠାରୁ ଆସନ୍ତା ୨୦ ତାରିଖଠାରୁ ଧାନ କ୍ରୟ ଆରମ୍ଭ ହେବ। ଏଥିପାଇଁ ସରକାରଙ୍କ ତରଫରୁ ଗତ ୧୬ ତାରିଖଠାରୁ ଧାନ କ୍ରୟ ପାଇଁ ଅଗ୍ରିମ ଟୋକନ ଦେବା ଆରମ୍ଭ ହୋଇଛି। ଟୋକନ ଅବଧି ଏକ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। ଚାଷୀ ଭାଇମାନେ ଟୋକନ ପାଇବାର ଏକ ମାସ ଭିତରେ ଧାନ ବିକ୍ରୟ କରିପାରିବେ ବୋଲି ଜିଲା ଯୋଗାଣ ବିଭାଗ ତରଫରୁ ସୂଚନା ଦିଆଯାଇଛି।

### କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ମାଧପୁର,୧୭।୧୨:** ଆଠମଲ୍ଲିକ ବ୍ଲକ ମାଧପୁର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତରଫରୁ ଛାତ୍ରୀଛାତ୍ରଙ୍କୁ ନେଇ ମାଧପୁର ଖେଳ ପଡିଆଠାରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଲମ୍ଫଡିଆଁ, ଉଚ୍ଚଡିଆଁ, ଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପୁରୋହିତଙ୍କ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ଚତୁର୍ଭୁଜ ସେଠୀ, ଶିକ୍ଷକ ନେତ୍ରାନନ୍ଦ ନାଏକ, ଶିକ୍ଷୟିତ୍ରୀ ସସ୍ମିତା ସାହୁଙ୍କ ସମେତ ଛାତ୍ରୀଛାତ୍ରମାନେ ସାମିଲ ଥିଲେ।

# କଳାରୁ ବଞ୍ଚିତ କଳାକାର

- ଦୀର୍ଘ ବର୍ଷ ହେଲା ହୋଇନି ବ୍ଲକ ମହୋତ୍ସବ
- ପ୍ରତିଭା ପ୍ରଦର୍ଶନର ମିଳୁନି ଉପଯୁକ୍ତ ସୁଯୋଗ
- ମନ କଷ୍ଟରେ ଅଛନ୍ତି ବଅଁରପାଳର ପ୍ରତିଭାଧାରୀ

**ବଅଁରପାଳ, ୧୭।୧୨ (ଡି.ଏନ.ଏ.)**

ମଞ୍ଚଟିଏ ମିଳିଗଲେ ପ୍ରଫୁଲ୍ଲ ହୋଇଉଠେ ମନ। ଆୟର ଉତ୍ସ ଥାଉ କି ନ ଥାଉ ପ୍ରତିଭା ପ୍ରଦର୍ଶନ ପାଇଁ ଆଗେଇ ଆସନ୍ତି କଳାକାର। ହେଲେ ପ୍ରଶାସନିକ ଉଦାସୀନତା କାରଣରୁ ହେଉ ଅବା ଅନ୍ୟ କିଛି, ଅନୁଗୋଳ ଜିଲା ବଅଁରପାଳ ବ୍ଲକରେ ଦୀର୍ଘ ବର୍ଷ ହେଲା ହୋଇନାହିଁ ବ୍ଲକ ମହୋତ୍ସବର ଆୟୋଜନ। ଏହାକୁ ନେଇ ମନ କଷ୍ଟରେ ଅଛନ୍ତି ୫ଶହରୁ ଅଧିକ କଳାକାର।

ଅନୁଗୋଳ ଜିଲାର ବଅଁରପାଳ ବ୍ଲକରେ କଳା, ସଂସ୍କୃତିର ବେଶ୍ ଆଦର ରହିଛି। ଗାଁ ଗାଁରେ ଦଣ୍ଡ, ପାଲା, ଦାସକାଠିଆ, କେନ୍ଦରା, ଯାତ୍ରା, ପାଇକ ଆଖଡ଼ା କଳାକାର ରହିଛନ୍ତି। ବିଶେଷକରି ଦଣ୍ଡ, ବାଦଦଣ୍ଡ ପ୍ରତିଯୋଗିତା ବର୍ଷକ ଯାକ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ। ପର୍ବପର୍ବାଣିକୁ ବାଦ୍ ଦେଲେ ଦେବଦେବୀଙ୍କ ବାର୍ଷିକ ଉତ୍ସବ, ମନ୍ଦିର ପ୍ରତିଷ୍ଠା ବେଳେ ମଧ୍ୟ ଏସବୁ କଳା ପ୍ରଦର୍ଶନ ପାଇଁ ମଞ୍ଚ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଥାଏ। କେବଳ ଏତିକି ନୁହେଁ ବ୍ଲକ ଅଞ୍ଚଳରେ ଶତାଧିକ ନାମ ସଂକୀର୍ତ୍ତନ ଦଳ ରହିଥିବା ବେଳେ ମହିଳା ଦଳଙ୍କୁ ଜିଲା ବାହାରୁ ମଧ୍ୟ ଡାକରା ଆସିଥାଏ। ଏହା କଳାକାରଙ୍କ ପାଇଁ ଆୟର ସୁଯୋଗ ସୃଷ୍ଟି କରିଥାଏ। ହେଲେ ବ୍ଲକ ମହୋତ୍ସବ କଳାକାରଙ୍କୁ ରୋଜଗାର ସହ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଏହି କାରଣରୁ ବ୍ଲକ ମହୋତ୍ସବର ଆୟୋଜନକୁ କଳାକାରମାନେ ଅତି ଆଗ୍ରହର ସହ ପ୍ରତିବର୍ଷ ଅପେକ୍ଷା କରିଥାନ୍ତି। ହେଲେ ଦୀର୍ଘବର୍ଷ ହେଲା ବଅଁରପାଳ ବ୍ଲକରେ ଏହି ମହୋତ୍ସବର ଆୟୋଜନ କରାଯାଇ ନାହିଁ। କରୋନା ପାଇଁ ୨ ବର୍ଷ ହେଲା ଏ ନେଇ ଦାବି ଉଠି ନ ଥିବାବେଳେ ଚଳିତବର୍ଷ କିନ୍ତୁ ମନ ଉଣା କରୁଛନ୍ତି କଳାକାର। ବ୍ଲକ ପ୍ରଶାସନ ନିକଟରେ ଅର୍ଥର ଅଭାବ ନ ଥିଲେ ମଧ୍ୟ କାହିଁକି ଏହି ମହୋତ୍ସବର ଆୟୋଜନ ଏଯାଏ କରାଯାଉ ନାହିଁ ତାହା ସୃଷ୍ଟି କରିଛି ବଡ଼ ପ୍ରଶ୍ନବାଚୀ। ଏ ସମ୍ପର୍କରେ ବିଡିଓ ଏଲିଜା ମିଶ୍ର କହିଛନ୍ତି, ତାଙ୍କ ଯୋଗଦାନ ପୂର୍ବରୁ କାହିଁକି ବ୍ଲକ ମହୋତ୍ସବ ଆୟୋଜନ ହୋଇ ନ ଥିଲା ସେ ସମ୍ପର୍କରେ ତାଙ୍କ ନିକଟରେ ତଥ୍ୟ ନାହିଁ।

### ପ୍ରଶାସନ ବିଚାର କରୁ



ବ୍ଲକ ମହୋତ୍ସବ କଳାକାରଙ୍କୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟିର ସୁଯୋଗ ଦେବା ସହ କଳା, ସଂସ୍କୃତିକୁ ଅଧିକ ସମୃଦ୍ଧ କରିବ। ତେଣୁ ବ୍ଲକ ପ୍ରଶାସନ ଏ ଦିଗରେ ବିଚାର କରିବା ସହ ତ୍ୱରିତ ପଦକ୍ଷେପ ନେଲେ ୫ ଶହରୁ ଅଧିକ କଳାକାର ଉପକୃତ ହୋଇପାରିବେ।

-ବାମଦେବ ସେଠ, ନାମ ସଂକୀର୍ତ୍ତନ କଳାକାର

### ରୋଜଗାର ହ୍ରାସ ପାଉଛି



ବଅଁରପାଳ ବ୍ଲକ ଅଞ୍ଚଳରେ ଦଣ୍ଡ ନୃତ୍ୟକୁ ବହୁ ସମ୍ମାନ ମିଳେ। ବ୍ଲକ ମହୋତ୍ସବ ଆୟୋଜନ କରାଗଲେ ଏଠାକାର କଳାକାରଙ୍କ ସମ୍ପର୍କରେ ଲୋକେ ଅଧିକ ଜାଣିପାରନ୍ତେ। ଏହାଦ୍ୱାରା ସେମାନଙ୍କୁ ଅନ୍ୟତ୍ର କଳା ପ୍ରଦର୍ଶନ ପାଇଁ ଡାକରା ଆସନ୍ତା। କିନ୍ତୁ ଏହା ହେଉ ନ ଥିବାରୁ ରୋଜଗାର ହ୍ରାସ ପାଉଛି।

-ଚିନ୍ମୟୀ ସାମଲ, ଦଣ୍ଡ କଳାକାର

### ଗ୍ରାମାଞ୍ଚଳ କଳାକାର ଉପେକ୍ଷିତ



ରାଜ୍ୟର ଅନେକ ବ୍ଲକରେ ମହୋତ୍ସବର ଆୟୋଜନ କରାଯାଉଛି। ହେଲେ ବଅଁରପାଳ ପ୍ରଶାସନ ଏ ଦିଗରେ ଆଗ୍ରହ ଦେଖାଉ ନ ଥିବାରୁ ଗ୍ରାମାଞ୍ଚଳର କଳାକାରମାନେ ଉପେକ୍ଷିତ ହେଉଛନ୍ତି। ଅର୍ଥର ଅଭାବ ନ ଥିଲେ ମଧ୍ୟ ଏଠାରେ କଳାକାରମାନଙ୍କୁ ଅବହେଳିତ କରି ରଖାଯାଇଛି।

-ମାନସ କର, ପାଲା ଗାୟକ

### ମହୋତ୍ସବ ନିହାତି କରାଯିବା ଆବଶ୍ୟକ



୭ ବର୍ଷହେଲା ବ୍ଲକ ମହୋତ୍ସବ ଆୟୋଜନ କରା ନ ଯିବା ଦୁଃଖଦାୟକ। ଏହା ନ ହେବା ଦ୍ୱାରା ବହୁ କଳାକାର ନିଜର ପ୍ରତିଭା ପ୍ରଦର୍ଶନ କରି ନ ପାରି ମନକଷ୍ଟରେ ରହୁଛନ୍ତି। ବ୍ଲକ ପ୍ରଶାସନ ଯଥାଶୀଘ୍ର ମହୋତ୍ସବ କରିବା ଦିଗରେ ପଦକ୍ଷେପ ନେବା ନିହାତି ଆବଶ୍ୟକ।

-ବିଜୟ ନାଥ, ବ୍ଲକ ଅଧ୍ୟକ୍ଷ

# ପ୍ରତିଭା ବିକାଶର ପ୍ରକୃଷ୍ଟ ମଞ୍ଚ ଶିଶୁମେଳା



ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ତାଳଚେର,୧୭।୧୨(ନି.ପ୍ର)**

ତାଳଚେର ବ୍ଲକ ଭରତପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ଶରତ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସମ୍ପାଦକ ତ୍ରିଲୋଚନ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାରେ ଶିଶୁମେଳା ପ୍ରକୃଷ୍ଟ ମଞ୍ଚ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପସଭାପତି ମମତା ମିଶ୍ର, ବ୍ଲକ ସହ ସମ୍ପାଦିକା ସୀତାବତୀ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଲମ୍ବୋଦର ମହାପାତ୍ର, ଭରତପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ନାୟକ ମଞ୍ଚାସୀନ ଥିଲେ। ତାଳଚେର ବ୍ଲକ୍‌ର ୨୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଅମୀୟ ସାହୁ, ପ୍ରକାଶିନୀ ସାହୁ, ଅମ୍ବିକା ବେହେରା, ମନୋରଞ୍ଜନ ପଟ୍ଟନାୟକ, ନକୁଳ ସାହୁ, ବିନୋଦ ଗୋଚ୍ଛାୟତ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ ସମ୍ପାଦକ ମିହିର କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଶିଶୁ ଉତ୍ସବରେ ୧୨୨ ପ୍ରତିଯୋଗୀ



**ବଇଣ୍ଡା,୧୭।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ରାମଦେଓ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶ୍ନ କୁମାର ରାଉଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ୨୦ ହାଇସ୍କୁଲର ୧୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତର୍କ, କଣ୍ଠ ସଂଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ମାନସ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ଉପେନ୍ଦ୍ର କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଖମାର, ୧୭।୧୨(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାପୀଠ ଓଡ଼ଶରେ ୩୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଦୁଃଖବନ୍ଧୁ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ରାଉତ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଦୌଡ଼, ଲମ୍ଫ ଡିଆଁ, ବାଲାନ୍ସ ରେସ୍, ମ୍ୟୁଜିକ୍ ଚେୟାର, ପୁଚି ଆଦି ପ୍ରତିଯୋଗିତା ହୋଇଥିଲା। ହେମନ୍ତ ଗଡ଼ନାୟକ, ବିଦ୍ୟୁଲତା ପାଣିଗ୍ରାହୀ, ବାସନ୍ତୀ ବିଶ୍ୱାଳ, ସଞ୍ଜୀବ ସାହୁ, ଭରତ ବିଶ୍ୱାଳ, ସୁଦର୍ଶନ ପ୍ରଧାନ, ପ୍ରଯୁକ୍ତା ପଦି, ପଦ୍ମିନୀ ସାମଲ, ସୀତା ଗଡ଼ନାୟକ, ଜୟନ୍ତୀ ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖେଳ ଶିକ୍ଷକ ସନ୍ତୋଷ ପ୍ରଧାନ ଏହାକୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି।

# ୨୨ରୁ ସିନିୟର ରାଜ୍ୟ କବାଡ଼ି ଚାମ୍ପିୟନଶିପ

## ଅନୁଗୋଳରେ ଖେଳିବେ ୯୧୦ ଖେଳାଳି

**ଅନୁଗୋଳ ଅଫିସ,୧୭।୧୨**

ରାଜ୍ୟରେ ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଅନୁଗୋଳ ସହରରେ ମଧ୍ୟ ଏକ ବଡ଼ କ୍ରୀଡ଼ାର ଆୟୋଜନ କରାଯାଇଛି। ଆସନ୍ତା ୨୨ ତାରିଖରୁ ଅନୁଗୋଳରେ ଆରମ୍ଭ ହେବ ସିନିୟର ରାଜ୍ୟ କବାଡ଼ି ଚାମ୍ପିୟନଶିପ। ରାଜ୍ୟର ସମସ୍ତ ଜିଲାରୁ ମହିଳା ଓ ପୁରୁଷ କବାଡି ଟିମ୍ ଏଥିରେ ଯୋଗଦେବାକୁ ଥିବାବେଳେ ପ୍ରାୟ ୯୧୦ ଜଣ ଖେଳାଳିଙ୍କୁ ଦେଖିବାକୁ ମିଳିବ ଅନୁଗୋଳରେ।

ଅନୁଗୋଳ ଜିଲା ପ୍ରଶାସନ ଓ କଟକ କବାଡ଼ି ଆସୋସିଏଶନର ମିଳିତ ଉଦ୍ୟମରେ ଏକ ବିଶାଳ କବାଡି ଚାମ୍ପିୟନଶିପର ଆୟୋଜନ କରାଯାଇଛି। ରାଜ୍ୟର ୨୯ଟି ଜିଲାରୁ ୨୯ଟି ମହିଳା ଓ ପୁରୁଷ ଦଳ ସହିତ ୬ଟି ଅତିରିକ୍ତ ଦଳ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରେଳବାଇ ଦଳ, ଓଡ଼ିଶା ପୋଲିସ ଦଳ, ଆରଏସ୍‌ପି ରାଉରକେଲା, ଏନ୍‌ଆର୍‌ଆଇ, କିଟ୍ ଭୁବନେଶ୍ୱର, ହାଇଟେକ ଭୁବନେଶ୍ୱର ଆଦି ଦଳ ଭାଗନେବେ। ଅନୁଗୋଳ ସହର ବିଜୁ ମୈଦାନଠାରେ ଏହି ଖେଳ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ୨୨ତାରିଖ ଠାରୁ ଆରମ୍ଭ ହୋଇ ୨୪ ତାରିଖ ଯାଏ ଚାଲୁ ରହିବ। ଖେଳ ପରିଚାଳନା ଓ ଖେଳାଳି ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୫୦ ଜଣ ଟେକ୍ନିକାଲ ଅଫିସରଙ୍କ ସହ ୫୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଏହି ପ୍ରତିଯୋଗିତାକୁ ମନଭରି ଉପଭୋଗ କରିବା ପାଇଁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।




କବାଡ଼ି ଚାମ୍ପିୟନଶିପ୍ ଟ୍ରଫି ଉନ୍ମୋଚନ କରୁଛନ୍ତି ଜିଲାପାଳ।

# ୧୯ ଅସହାୟଙ୍କୁ କମ୍ବଳ ବଣ୍ଟନ

**ବଇଣ୍ଡା,୧୭।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ସାନ ଗୋବିନ୍ଦପୁର, ନୁନୁକାପଶି ଗ୍ରାମରେ ଶନିବାର ବଇଣ୍ଡା ଅସହାୟ କମିଟି ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ ଯୋଗଦେଇ ୧୯ ଜଣ ଅସହାୟଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏଥିସହ କିଭଳି ଅସହାୟ ଲୋକେ ସେବା ପାଇବେ ସେ ନେଇ କମିଟି ଅଧିକ ଗୁରୁତ୍ୱ ଦେଉ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା, ସାମାଜିକ କର୍ମୀ ମନୋଜ ମହାପାତ୍ର, ପୂର୍ବତନ ସରପଞ୍ଚ ଧୋବେଇ ବେହେରା, କମିଟି ସଭାପତି ପ୍ରବୀଣ ସାହୁ, ଜଗତ ମୋହନ ମିଶ୍ର, ମୁରାରୀ ଲାଲ ଅଗ୍ରୱାଲ, ବିମଳ ଅଗ୍ରୱାଲ, ସୁବାସ ପ୍ରଧାନ, ପରିକ୍ଷିତ ସାହୁ, ଦୀପକ ସାହୁ ପ୍ରମୁଖ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ।




## ପ୍ରତାରଣା ଅଭିଯୋଗରେ ପ୍ରେମିକ ଗିରଫ

**ଛେଣ୍ଡିପଦା,୧୭।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ପୋଲିସ ବଡକେରଜାଙ୍ଗ ଗ୍ରାମର ଲିପୁ ବିଶ୍ୱାଳ (୨୪)ଙ୍କୁ ଗିରଫ କରିଛି। ପୋଲିସ କହିଛି, ବଡ କେରଜାଙ୍ଗ ଗ୍ରାମର ଲିପୁ ବିଶ୍ୱାଳ ସମ୍ପୃକ୍ତ ଯୁବତୀଙ୍କୁ ୬ବର୍ଷ ହେବ ଭଲ ପାଉଥିଲେ। ଏପରି କି ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ସମ୍ପର୍କ ରଖି ଆସୁଥିଲେ। ଯୁବତୀ ବିବାହ ପାଇଁ କହିବାରୁ ଅଭିଯୁକ୍ତ ଲିପୁ ମନାକରି ଦେଇଥିଲେ। ଏ ନେଇ ପ୍ରେମିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୯/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ପୁସ୍ତକ ପଠନର ମହତ୍ତ୍ୱ ବୁଝାଇଲେ




**ତାଳଚେର,୧୭।୧୨(ନି.ପ୍ର)**

ଡିଏଭି ପବ୍ଲିକ ସ୍କୁଲ ଜଗନ୍ନାଥ କ୍ଷେତ୍ରର ରଜତ ଜୟନ୍ତୀ ଉପଲକ୍ଷେ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ ଏହାକୁ ବୁଲି ଦେଖିବା ସହ ଅନେକ ପୁସ୍ତକ ସୁଲଭ ମୂଲ୍ୟରେ କିଣିବାର ସୁଯୋଗ ପାଇଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ବିତ୍ତୀୟ ଅଧିକାରୀ ଚିତ୍ତରଞ୍ଜନ ଦାସ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏମ୍‌ସିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଶୁକ୍ଲା ଚକ୍ରବର୍ତ୍ତୀ ପିଲାମାନଙ୍କୁ ପୁସ୍ତକ ପଢିବାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା ସହ ଭବିଷ୍ୟତରେ ସେମାନଙ୍କୁ ସୁନ୍ଦର କବିତା, ପ୍ରବନ୍ଧ ଆଦି ଲେଖିବା ପାଇଁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଗ୍ରନ୍ଥାଗାରିକ ସତ୍ୟଜିତ୍ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନା ହୋଇଥିଲା।

# ୫୪ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

**ଛେଣ୍ଡିପଦା,୧୭।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ମିନି ଷ୍ଟାଡିୟମଠାରେ ଶନିବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ଗଡନାୟକ, ସମ୍ମାନିତ ଅତିଥିଭାବେ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପବିତ୍ର ଦେହୁରୀ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକର ୩୪ଟି ଉଚ୍ଚ ବିଦ୍ୟାଳୟର ୧୮୭ ଛାତ୍ରୀଛାତ୍ର ଓ ୩୪ ଜଣ ଖେଳ ଶିକ୍ଷକ ଯୋଗ ଦେଇଥିଲେ। ଏଥିରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର, ୧୫୦୦ ମିଟର, ଥ୍ରୋ ଇଭେଣ୍ଟ, ଲମ୍ଫ ଡିଆଁ ଓ ଉଚ୍ଚ ଡିଆଁ, ଖୋଖୋ, କବାଡି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଭିକାରୀ ବନ୍ଧୁ ସାହୁ, ଆଶିଷ କୁମାର ବେହେରା, ଅରୁଣ କୁମାର ସାହୁ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ୫୪ ଜଣ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ କ୍ରୀଡ଼ା ଓ ଦୌଡ଼ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ କରାଯାଇଥିଲା।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# ସାମ୍ବାଦିକ ସମୂହଙ୍କୁ ହରାଇଲା ଜିଲା ପ୍ରଶାସନ

## ଅନୁଗୋଳରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ

**ଅନୁଗୋଳ ଅଫିସ,୧୭।୧୨**

ଅନୁଗୋଳ ସାମ୍ବାଦିକ ସମୂହ ଓ ଜିଲା ପ୍ରଶାସନ ଏକାଦଶ ମଧ୍ୟରେ ଶନିବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ସାମ୍ବାଦିକ ସମୂହକୁ ହରାଇ ଜିଲା ପ୍ରଶାସନ ଏକାଦଶ ବିଜୟୀ ହୋଇଥିଲା। ୧୫ ଓଭର ବିଶିଷ୍ଟ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ଦେଖିବାକୁ ଅନୁଗୋଳ କଦମ ପଡ଼ିଆଠାରେ ପ୍ରବଳ ଜନସମାଗମ ହୋଇଥିଲା।

ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଉପଜିଲାପାଳ ବୈଦ୍ରୁରା ଦୀପ, ତହସିଲଦାର ବିମଳ କୁମାର ଲେଙ୍କା, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଓ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସ୍ୱାଇଁ ଓ ସାମ୍ବାଦିକ ସମୂହ ତରଫରୁ ସମରେଶ ନାଥ ଏବଂ ଅମିତ କୁମାର ସାମଲ ଟସ୍ ପକାଇଥିଲେ। ଟସ୍ ଜିତିଥିବା ସାମ୍ବାଦିକ ସମୂହ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଜିଲା ପ୍ରଶାସନ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଜିଲାପାଳ ସ୍ୱାଇଁ ବ୍ୟାଟିଂ ପାଇଁ ପଡ଼ିଆକୁ ଆସିବା ମାତ୍ରେ ଖେଳାଳିଙ୍କ ମଧ୍ୟରେ ଅଧିକ ଉତ୍ସାହ ଭରିଯାଇଥିଲା। ତେବେ ଦ୍ୱିତୀୟରେ ବ୍ୟାଟିଂ କରିଥିବା ସାମ୍ବାଦିକ ସମୂହ ଦଳ ମାତ୍ର ୧୩ ଓଭରରେ ୬୮ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଜିଲା ପ୍ରଶାସନ ଏକାଦଶକୁ ଉପଜିଲାପାଳ ବୈଦ୍ରୁରା ଦୀପ ପୁରସ୍କାର ପ୍ରଦାନ କରିଥିଲେ। ସାମ୍ବାଦିକ ଦଳରେ ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ ରଞ୍ଜନ ଦାଶ, ପତିତପାବନ ସାହୁ, ଲିଟୁନ ସାହୁ, ସଂଗ୍ରାମ ରଞ୍ଜନ ନାଥ, ସମରେଶ ନାଥ, ଅମିତ ସାମଲ, ପ୍ରକାଶ ପ୍ରଧାନ, ମାନସ ମିଶ୍ର ପ୍ରମୁଖ ସାମିଲ ଥିଲେ।



ମ୍ୟାଚ ପୂର୍ବରୁ ଜିଲାପାଳଙ୍କ ସହ ଦୁଇ ଦଳର ଖେଳାଳି।

## ସଂକ୍ଷେପରେ

### ପୁଣି ଚର୍ଚ୍ଚାରେ ସରକାରୀ ଆଇଟିଆଇ
## ପ୍ରାର୍ଥନା ସଭାରେ ୩ ଛାତ୍ରୀ ଚେତାଶୂନ୍ୟ

**ଢେଙ୍କାନାଳ ଅଫିସ, ୧୭।୧୨:** ପ୍ରାର୍ଥନା ସଭାରେ ଜଣେ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଶନିବାର ଢେଙ୍କାନାଳ ସହର ଉପକଣ୍ଠ ବୋରାପଦାସ୍ଥିତ ସରକାରୀ ଆଇଟିଆଇ କଲେଜରେ ପୁଣି ଅଘଟଣ ଘଟିଛି। ପ୍ରାର୍ଥନା ସଭା ଚାଲିଥିବା ବେଳେ ୩ଜଣ ଛାତ୍ରୀ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତନ୍ମଧ୍ୟରୁ ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟ ଦୁଇଜଣଙ୍କୁ ଆଇଟିଆଇ କ୍ୟାମ୍ପସ ପରିସରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସମସ୍ତେ ସୁସ୍ଥ ଥିବା ଜଣାପଡ଼ିଛି। ଶୁକ୍ରବାର କଲେଜରେ ପ୍ରାର୍ଥନା ସଭା ଚାଲିଥିବାବେଳେ ଇଲେକ୍ଟ୍ରିକାଲ ବ୍ରାଞ୍ଚର ପ୍ରଥମ ବର୍ଷର ଛାତ୍ର ଅଭିଜିତ୍ ଦାସ (୧୭) ହଠାତ୍ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଜିଲା ଚିକିତ୍ସାଳୟରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ଏଭଳି ଦୁଃଖଦ ବିୟୋଗ ସହପାଠୀଙ୍କୁ ମାନସିକସ୍ତରରେ ଦୋହଲାଇ ଦେଇଛି। ତେଣୁ ଛାତ୍ରୀମାନେ ଅସୁସ୍ଥ ହୋଇପଡ଼ିଥିବା ଅନୁମାନ କରାଯାଉଛି। ଅନ୍ୟପଟେ ମାନସିକ ଚିନ୍ତା ଦୂର କରିବାକୁ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକଙ୍କୁ ଡାକି ଘରକୁ ପଠାଇ ଦିଆଯାଇଥିବା କଲେଜର ସହକାରୀ ଟ୍ରେନିଂ ଅଫିସର ଧନେଶ୍ୱର ବେହେରା ସୂଚନା ଦେଇଛନ୍ତି।

## ୧୪୯ନଂ. ଏନ୍ଏଚ୍‌ରେ ୬୦ ହାତୀ

**ପରଜଙ୍ଗ, ୧୭।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପିତିରି ଛକ ନିକଟ ୧୪୯ନଂ. ଜାତୀୟ ରାଜପଥ(ଏନ୍ଏଚରେ ଦୁଇଦିନ ଧରି ଜାରି ରହିଥିବା ହାତୀ ଉପଦ୍ରବ ସାଧାରଣ ଜନଜୀବନକୁ ପ୍ରଭାବିତ କରିଛି। କୁଆଲୋ-ପରମହଂସପୁର ମଧରେ ଏକ ପଲରେ ୬୦ ହାତୀ ବ୍ୟସ୍ତବହୁଳ ସଡ଼କ ଅତିକ୍ରମ କରୁଛନ୍ତି। ଫଳରେ ଶତାଧିକ ଯାନବାହନ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛନ୍ତି। ମହାବିରୋଡ୍ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଉପଦ୍ରବ ଚିନ୍ତାଜନକ ହୋଇଛି। ଏତେସଂଖ୍ୟକ ହାତୀଙ୍କୁ ନିୟନ୍ତ୍ରଣ କରିବା ଲାଗି ବନ ବିଭାଗ ପାଖରେ ସମ୍ବଳ ନ ଥିବାବେଳେ ଅମଳ ସମୟରେ ବ୍ୟାପକ ଫସଲ ନଷ୍ଟ ଚାଷୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛି।

## ପୋଖରୀରେ ବୁଡ଼ି ଛାତ୍ର ମୃତ

**ରାସୋଳ, ୧୭।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା ବାବନ୍ଧ ପଞ୍ଚାୟତ କୁଟୁଣିଆ ଗ୍ରାମର ହୃଦାନନ୍ଦ ସାହୁଙ୍କ ପୁଅ ତଥା ସପ୍ତମ ଶ୍ରେଣୀ ଛାତ୍ର ତୁଷାରକାନ୍ତ ସାହୁଙ୍କ ଶନିବାର ଅପରାହ୍ନରେ ଗ୍ରାମ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମଧ୍ୟାହ୍ନ ୧୨ଟାରେ ସ୍କୁଲ ଛୁଟି ପରେ ସେ ଘରକୁ ଫେରି ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# କଳିରେ ବିକାଶ ବଳି

**ଢେଙ୍କାନାଳ ଅଫିସ, ୧୭।୧୨**

- ■ବିଜେଡି-ଭାଜପା କାଉନ୍‌ସିଲର ବିବାଦ ତୁଟୁନି
- ■ସହରବାସୀ ସରକାରୀ ଯୋଜନାରୁ ବଞ୍ଚିତ
- ■ଉପାଧ୍ୟକ୍ଷ ନିର୍ଯାତନା ଦେଉଛନ୍ତି: ପୌରାଧ୍ୟକ୍ଷା

କେତେବେଳେ ଆକ୍ଷେପ-ପ୍ରତ୍ୟାକ୍ଷେପ ତ ଆଉ କେତେବେଳେ ଗାଳିଗୁଲଜ ଏପରି କି ଗୁରୁତ୍ୱପୂର୍ଣ୍ଣ ବୈଠକରେ ହାତାହାତି ଯାଏ କଥା ଯାଉଛି। ଗଦାଗଦା ସମସ୍ୟା ଭିତରେ ସହରବାସୀ ରୁନ୍ଧି ହେଉଥିବାବେଳେ ନିର୍ବାଚିତ ପ୍ରତିନିଧି କିନ୍ତୁ ବାହାରିପାରୁନାହାନ୍ତି କାଦୁଅ ଫିଙ୍ଗା ରାଜନୀତିରୁ। ପୌର ନିର୍ବାଚନ ପରେ ଦୀର୍ଘ ୮ମାସ ହେଲା ଢେଙ୍କାନାଳରେ ଭାଜପା-ବିଜେଡି ମଧ୍ୟରେ ଚାଲିଥିବା ବିବାଦରେ ବିକାଶ ବଳିପଡ଼ିଯାଉଥିବା ଅଭିଯୋଗ ହେଉଛି। ଭାଜପା ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏବଂ ଉପାଧ୍ୟକ୍ଷ ତଥା ବିଜେଡି ନେତା ପ୍ରକାଶ ଚନ୍ଦ୍ର କୁଅଁରଙ୍କ ଭିତରେ ଚାଲିଥିବା ଶୀତଳ ଯୁଦ୍ଧ ଶେଷ ହେଉ ନ ଥିବାରୁ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି। ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବାବେଳେ ଶନିବାର ପୌରାଧ୍ୟକ୍ଷା ଏକ ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷଙ୍କୁ ଖୋଲାଖୋଲି ଟାର୍ଗେଟ କରିବା ସହରାଞ୍ଚଳ ରାଜନୀତିକୁ ସରଗରମ କରିଛି।

ସିମିଳିଆସ୍ଥିତ ବାସଭବନରେ ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା କହିଲେ, ସହରବାସୀଙ୍କ ଉନ୍ନତି ପାଇଁ ସମସ୍ତେ ଏକାଠି ହୋଇ କାମ କରିବା ଉଚିତ। ଯେତେ ବୁଝାଇଲା ପରେ ମଧ ଉପାଧ୍ୟକ୍ଷ ବୁଝୁନାହାନ୍ତି। ପାଲଟା ଧମକଚମକ ଦେବା ସହିତ ମାନସିକ ନିର୍ଯାତନା ଦେଉଛନ୍ତି। ସହରବାସୀ ସିଧାସଳଖ ନିର୍ବାଚନରେ ଭୋଟଦେଇ ପୌରାଧ୍ୟକ୍ଷା ପଦବୀରେ ବସାଇଥିବାବେଳେ ପୌର ଉପାଧ୍ୟକ୍ଷ ଆଙ୍ଗୁଠି ଦେଖାଇ ପଚାରୁଛନ୍ତି, ତମେ କିଏ। ବିଜେଡି ସରକାରରେ ଏହା କ'ଣ ମା'ଙ୍କୁ ସମ୍ମାନ ବୋଲି ପୌରାଧ୍ୟକ୍ଷା ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା କାଉନ୍‌ସିଲର ନିରୋଦ ସାହୁ, ସୁପ୍ରିୟା ମଲ୍ଲିକ, ମମତା ସାହୁ, ସୁମିତ୍ରା ମଲ୍ଲିକ, ସୂର୍ଯ୍ୟପ୍ରତାପ ରାଉତ, ପ୍ରତାପ ନାୟକ, ଅନିତା ମଲ୍ଲିକ, ଲକ୍ଷ୍ମୀପ୍ରିୟା ଦଳେଇ, ବଳରାମ ସେଠୀ, ଭାଜପା ନେତା ରାମଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

## କୋରମ୍‌ରେ ପ୍ରସ୍ତାବ ପାସ: ତୀବ୍ର ପ୍ରତିକ୍ରିୟା

ଭାଜପା-ବିଜେଡି କାଉନ୍‌ସିଲରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିବାରୁ ଗତ ୧୪ ତାରିଖରେ ଅନୁଷ୍ଠିତ ସାଧାରଣ ବୈଠକ ବାତିଲ ହୋଇଥିଲା। ଶନିବାର ପ୍ରସ୍ତାବ ପାରିତ ପାଇଁ ପୁନର୍ବାର ବୈଠକ ହେବ ବୋଲି ସୂଚନା ଦିଆଯାଇଥିଲା। ତଦନୁଯାୟୀ ପୂର୍ବାହ୍ନ ୧୧ଟା ୫ରେ ପୌରାଧ୍ୟକ୍ଷା, ଭାଜପା କାଉନସିଲର, ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ପୌର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଏବଂ ବିଜେଡି କାଉନ୍‌ସିଲର ୧୧ଟା ୨୦ରେ ପହଞ୍ଚିଥିଲେ। ତେବେ କୋରମ୍ ଅନୁଯାୟୀ ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ପ୍ରସ୍ତାବ ପାସ୍ ହୋଇଥିବା କହି ପୌରାଧ୍ୟକ୍ଷା, ଅଧିକାରୀ ଉଠି ପଳାଇଥିଲେ। ଏହାକୁ ବିଜେଡିର ଜନପ୍ରତିନିଧି ତୀବ୍ର ପ୍ରତିବାଦ କରିବା ସହ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।

## 'ଜାଗା ମିଶନ, ଆବାସ ଦୁର୍ନୀତି ତଦନ୍ତ ହେବ'

ପୌରସଂସ୍ଥାରେ ଜାଗା ମିଶନ, ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନୀତି ହୋଇଛି। ଉପାଧ୍ୟକ୍ଷଙ୍କ ସ୍ତ୍ରୀଙ୍କୁ ଜାଗା ମିଶନରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଅନୁମୋଦନ କରାଯାଇଛି। ବିଭିନ୍ନ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ହେବ ବୋଲି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ୱାର୍ଡ ସରକାର ପଦବୀରେ ବାପାଙ୍କ ବଦଳରେ ପୁଅ ଚାକିରି କରୁଛନ୍ତି। ନାଇଟ୍ ୱାଚ୍‌ମ୍ୟାନ୍ ନିଯୁକ୍ତିରେ ଦୁର୍ନୀତିର ଗନ୍ଧ ବାରିହେଉଛି। ୪ନଂ. ୱାର୍ଡରେ ପ୍ରସ୍ତାବିତ ବିଜୁ ପଟ୍ଟନାୟକ ପାର୍କ ସ୍ଥଳରେ ଜଣେ ମହିଳାଙ୍କୁ ପଟ୍ଟା ଦିଆଯାଇଛି। ପୌରାଧ୍ୟକ୍ଷାଙ୍କ ଆବଶ୍ୟକତା ଦୃଷ୍ଟିରୁ ଜଣେ ଗାଡ଼ି ଚାଳକ ଓ ଜଣେ ସହାୟକ ନିଯୁକ୍ତି ପାଇଥିଲେ। ସେମାନଙ୍କୁ କେଉଁଭଳି ସୁଇପର ହିସାବରେ ନିଯୁକ୍ତି ଦିଆଯାଇଥିଲା ଏବଂ ସେଥିପାଇଁ କେଉଁମାନେ ଦାୟୀ ତାହା ସ୍ପଷ୍ଟ ହେବା ଉଚିତ। କୃଷକ ବଜାର ଭେଣ୍ଡିଂ ଜୋନ୍‌ରୁ ପୌରସଂସ୍ଥାକୁ ଗୋଟିଏ ଟଙ୍କା ମଧ୍ୟ ଆସୁନାହିଁ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସହରରେ ବିଭିନ୍ନ ସଂସ୍ଥା ପକ୍ଷରୁ ଲଗାଯାଇଥିବା ହୋର୍ଡିଂ ହଟୁନାହିଁ। ଏ ସଂକ୍ରାନ୍ତରେ ସୋମବାର ଜିଲାପାଳଙ୍କୁ ଜଣାଇବେ ବୋଲି ପୌରାଧ୍ୟକ୍ଷା କହିଛନ୍ତି।

## ପୌରାଧ୍ୟକ୍ଷା ନିୟମ ଜାଣିନାହାନ୍ତି: ଉପାଧ୍ୟକ୍ଷ

ଅଭିଯୋଗର ପ୍ରତିକ୍ରିୟାରେ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର କୁହନ୍ତି, ଜାଗା ମିଶନର ଆଇନ ଓ ନିୟମ ବୋଧେ ପୌରାଧ୍ୟକ୍ଷା ଜାଣିନାହାନ୍ତି। ୨୦୧୭ ପୂର୍ବରୁ ସହର ବସ୍ତିରେ ରହୁଥିବା ଭୂମିହୀନଙ୍କୁ ୨୦୧୮ରେ ଆରମ୍ଭ ହୋଇଥିବା ଜାଗା ମିଶନରେ ସାମିଲ କରାଯାଇଛି। ତଥାପି ଆମକୁ ପଟ୍ଟା ମିଳିନାହିଁ। ଆବାସ ଯୋଜନାରେ ମଧ୍ୟ ଘର ମିଳିନାହିଁ। ଯଦି ପୌରାଧ୍ୟକ୍ଷା ଏହା ପ୍ରମାଣ କରିଦେବେ, ତେବେ ଦୁଇଟିଯାକ ପଦବୀରୁ ସେ ଇସ୍ତଫା ଦେଇଦେବେ। ଯଦି ପୌରାଧ୍ୟକ୍ଷା ପ୍ରମାଣ ଦେଇ ନ ପାରିବେ ତେବେ ସେ ଇସ୍ତଫା ଦେବେ କି ବୋଲି ଉପାଧ୍ୟକ୍ଷ ପାଲଟା ପ୍ରଶ୍ନ କରିଛନ୍ତି। ପୌରାଧ୍ୟକ୍ଷା ନିଜ ଗାଡ଼ି ଚାଳକ ଓ ସହାୟକଙ୍କୁ ସଫେଇ କର୍ମଚାରୀ ଦର୍ଶାଇ ପୌର ପରିଷଦରୁ ଦରମା ଦେଉଥିଲେ। ଏ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ସହ ଦୃଷ୍ଟି ଆକର୍ଷଣ କରିଥିବା ପୌରାଧ୍ୟକ୍ଷ କହିଛନ୍ତି।


ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସମେତ ଭାଜପା ନେତୃବୃନ୍ଦ।


ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ବିଜେଡି କାଉନ୍‌ସିଲରମାନେ ଜିଲାପାଳଙ୍କୁ ଭେଟି ଫେରୁଛନ୍ତି।

# ୭୨ଜଣଙ୍କଠାରୁ ୨.୫ କୋଟି ହଡ଼ପ

**ଢେଙ୍କାନାଳ ଅଫିସ, ୧୭।୧୨**

### ଜମି ବିକ୍ରି ନାମରେ ଠକେଇ ଅଭିଯୋଗ

ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ପିପି ଡେଭେଲପର ସଂସ୍ଥା ନାମରେ ଆସିଛି ଠକେଇ ଅଭିଯୋଗ। ସମ୍ପୃକ୍ତ ସଂସ୍ଥା ଜମି ବିକ୍ରି ନାମରେ ଜିଲାର ପ୍ରାୟ ୭୨ ଜଣଙ୍କଠାରୁ ପ୍ରାୟ ଅଢ଼େଇ କୋଟି ଟଙ୍କା ହଡ଼ପ କରି ନେଇଥିବା ଅଭିଯୋଗ ହୋଇଛି। ନ୍ୟାୟ ଦାବିରେ କେତେଜଣ ଅଭିଯୋଗକାରୀ ଶନିବାର ଜିଲାପାଳଙ୍କୁ ଫେରାଦ ହୋଇ ଲିଖିତ ଭାବେ ଜଣାଇଛନ୍ତି।

ଢେଙ୍କାନାଳ, ବ୍ରହ୍ମପୁର ଓ ପରଜଙ୍ଗ ବ୍ଲକ ସାଆନ୍ଦା ଅଞ୍ଚଳର ବହୁ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି। ଚିତ୍ତରଞ୍ଜନ ପତ୍ରୀଙ୍କଠାରୁ ୫ ଲକ୍ଷ ୨୦ହଜାର, ଅରୁଣ କୁମାର ସାହୁଙ୍କଠାରୁ ୭ଲକ୍ଷ ୮୦ ହଜାର, ସୁନୀଲ କୁମାର ମହାପାତ୍ର ଓ ସଙ୍ଗୀତାରାଣୀଙ୍କ ଠାରୁ ୧୧ଲକ୍ଷ ୨୦ ହଜାର, ପ୍ରଶାନ୍ତ ପାଣିଙ୍କ ଠାରୁ ୭ଲକ୍ଷ ୨୦ ହଜାର ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ଜାଗା ବିକ୍ରି ନାମରେ ସମ୍ପୃକ୍ତ ସଂସ୍ଥା ଅଭିଯୋଗକାରୀଙ୍କଠାରୁ ଚେକ୍ ଆକାରରେ ଟଙ୍କା ନେଇଥିଲା। ତେବେ ଦୀର୍ଘଦିନ ବିତିଯିବା ପରେ ରେଜିଷ୍ଟ୍ରେଶନ କରି ନ ଥିଲା। ଜମି ରେଜିଷ୍ଟ୍ରେଶନ ତୁରନ୍ତ ନ କଲେ ଟଙ୍କା ଫେରାଇ ଦେବାକୁ ହିତାଧିକାରୀ କହିଥିଲେ। ତେବେ ସଂସ୍ଥା ପକ୍ଷରୁ ଯେଉଁ ଚେକ୍ ଦିଆଯାଇଥିଲା, ତାହା ବାଉନ୍ସ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ଅଭିଯୁକ୍ତ ରମେଶ ଚନ୍ଦ୍ର ପଣ୍ଡାଙ୍କ ନାମରେ ଟାଉନ୍ ଥାନାରେ ନଂ. ୩୦୮/୨୨, ୨୧୪/୨୨ ଓ ୪୮୭/୨୨ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ଅଛନ୍ତି। ଢେଙ୍କାନାଳ ଏସ୍‌ଡିଜେଏମ୍‌ଙ୍କ ଅଦାଲତରୁ ରମେଶଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିବା ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ ପଣ୍ଡା ସୂଚନା ଦେଇଛନ୍ତି।

୨୦୦୯ରୁ ୭୨ଜଣ ବ୍ୟକ୍ତି ଅଭିଯୁକ୍ତ ରମେଶଙ୍କଠାରୁ ଜମି କିଣିଥିଲେ ମଧ ଏ ବାବଦ ପଟ୍ଟା ପାଇନାହାନ୍ତି। ଉକ୍ତ ଜମି ଅନ୍ୟ ନାମରେ ବିକ୍ରି ହୋଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ପୂର୍ବରୁ ଏସ୍‌ପି ଓ ସଦର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗକାରୀ କହିଛନ୍ତି।



ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଅଭିଯୋଗକାରୀମାନେ।

## ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା

**ଢେଙ୍କାନାଳ ଅଫିସ, ୧୭।୧୨**

ଢେଙ୍କାନାଳ ସହର ଉପକଣ୍ଠରେ ଥିବା ଜୀବନଜ୍ୟୋତି ବୌଦ୍ଧିକ ଦିବ୍ୟାଙ୍ଗ ସଂସ୍ଥାନରେ ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଦିବସରେ ମୋଟ ୩୦ ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯୁବ, କନିଷ୍ଠ, ବରିଷ୍ଠ ବର୍ଗ ପ୍ରତିଯୋଗୀଙ୍କୁ ନେଇ ଆୟୋଜିତ ବସ୍ତା ଦୌଡ଼ ପ୍ରତିଯୋଗିତା ଆକର୍ଷଣୀୟ ହୋଇଥିଲା। ରମେଶ ଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାକୁ କଳ୍ପନା ସାହୁ, ମନ୍ଦନା ସାହୁ, ଚିତ୍ତରଞ୍ଜନ ପଣ୍ଡା, ପବିତ୍ର ମୁଦୁଲି, ଜ୍ୟୋତି ମହାପାତ୍ର, ପ୍ରୀତିପର୍ଣ୍ଣା ବଳବନ୍ତରାୟ, ଲିପିକା ମହନ୍ତ, ପ୍ରୀତିପର୍ଣ୍ଣା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ନାୟକ, ପୂଜା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଅକ୍ଷମ କଲ୍ୟାଣ ସମିତି କ୍ରୀଡ଼ା ଶିକ୍ଷକ ସରୋଜ କୁମାର ସାମଲ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବ୍ରଜବନ୍ଧୁ ରଣସିଂ ପରିଚାଳନା କରିଥିଲେ।

## ମୁଖ୍ୟ ଅଭିଯୁକ୍ତ ଯାଜପୁରରୁ ଗିରଫ


ଦିବ୍ୟକାନ୍ତ ମଲ୍ଲିକ।


ଜବତ ଟ୍ରକ୍।

**ଭୁବନ, ୧୭।୧୨(ଡି.ଏନ୍.ଏ.)**

### ଚୋରା ସ୍କ୍ରାପ୍ କାରବାର

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ଚୋରା ସ୍କ୍ରାପ୍ କାରବାରର ମାଷ୍ଟର ମାଇଣ୍ଡକୁ ଶୁକ୍ରବାର ପୋଲିସ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା କଳିଙ୍ଗନଗର ଥାନା ଗୁରୁଣ୍ଡି ଗ୍ରାମର ଦିବ୍ୟକାନ୍ତ ମଲ୍ଲିକ (୨୦)। କୋର୍ଟରେ ଜାମିନ ନାମଞ୍ଜୁର ପରେ ଶନିବାର ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୯ରେ ନୟାନୀଳକଣ୍ଠପୁର ଗ୍ରାମରୁ ଏକ ଚୋରା ସ୍କ୍ରାପ୍ ବୋଝେଇ ଟ୍ରକ୍ (ନଂ. ଓଆର୍ ୦୪ ଏଫ୍ ୨୦୩୯) ଜବତ କରାଯାଇଥିଲା। ଏ ନେଇ ଭୁବନ ଥାନାରେ ନଂ. ୪୩୦/୨୨ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ଭୁବନ ଥାନା ମୃଦଙ୍ଗା ଗ୍ରାମର ପ୍ରକାଶ କୁମାର ସ୍ୱାଇଁ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପୋଲିସ ତଦନ୍ତରୁ ଉକ୍ତ ଚୋରା ସ୍କ୍ରାପ୍ କାରବାର ମାମଲାରେ ଯାଜପୁର ଜିଲାର ୪ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ଜାଲ୍ କାଗଜପତ୍ର ଜରିଆରେ ଚୋରା ସ୍କ୍ରାପ୍ ବାହାରକୁ ଚାଲାଣ କରୁଥିଲେ ବୋଲି ପୋଲିସ କହିଛି। ଦିବ୍ୟକାନ୍ତଙ୍କ ଅନ୍ୟ ୩ ସହଯୋଗୀ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ଲାଗି ଉଦ୍ୟମ ଚାଲିଥିବା ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ପ୍ରକଳ୍ପ ବିରୋଧରେ ରଣହୁଙ୍କାର

**ଢେଙ୍କାନାଳ ଅଫିସ, ୧୭।୧୨**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତରେ ପ୍ରସ୍ତାବିତ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପକ ବିରୋଧରେ ରଣହୁଙ୍କାର ଦେଇଛନ୍ତି ଅଞ୍ଚଳବାସୀ। ପାଟରପଦା, ଲୋଧଣି, କନ୍ଦରସିଙ୍ଗା, ରୋଡ୍, କୁମୁସୀ ପଞ୍ଚାୟତର ବହୁ ହଜାର ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଆସି ଶନିବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ପାଟରପଦା ମୌଜା ବଳିଗାଡ଼ିଆରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଫଳରେ ଅଞ୍ଚଳରେ ଚାଷ ଓ ପରିବେଶ ଉପରେ କୁପ୍ରଭାବ ପଡ଼ିବ। ଜୀବନଜୀବିକା ପ୍ରଭାବିତ ହେବା ଆଶଙ୍କା ଥିବାରୁ ଏହାକୁ ୨୦ଟି ଗ୍ରାମର ବାସିନ୍ଦା ବିରୋଧ କରୁଛନ୍ତି। ଜନଶୁଣାଣି ଶିବିରରେ ମଧ ଏହାକୁ ନେଇ ବିରୋଧାଭାସ ଉଠିଥିଲା। ଜନଶୁଣାଣିକୁ ରଦ୍ଦ କରାଯାଇଥିବା ଉପସ୍ଥିତ ପ୍ରଶାସନିକ ଅଧିକାରୀ ଘୋଷଣା କରିଥିଲେ। ତେବେ ପରେ ନକଲି ଦସ୍ତଖତ ମାଧ୍ୟମରେ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଥିବା ପାଟରପଦା ସରପଞ୍ଚ ଜ୍ୟୋସ୍ନାମୟୀ ବିଶ୍ୱାଳ, ନିରୋଦ ନାୟକ, ରିପଲ ବିଶ୍ୱାଳ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ପ୍ରକଳ୍ପ କାର୍ଯ୍ୟ ନେଇଥିବା କମ୍ପାନୀ, ଅଞ୍ଚଳବାସୀ ଏବଂ ପ୍ରଦୂଷଣ ବିଭାଗ ଅଧିକାରୀଙ୍କୁ ଡାକି ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଅଞ୍ଚଳବାସୀ।

# ପୋତାଯିବ ବେଆଇନ ଖାଦାନ

**ଢେଙ୍କାନାଳ ଅଫିସ, ୧୭।୧୨**

- ■ପଥର ଚୋରାଚାଲାଣ ରୋକିବାକୁ ପ୍ରଶାସନିକ ତତ୍ପରତା
- ■ରାତିଅଧିଆ ଚଢ଼ାଉ, ଅଧିକାରୀଙ୍କୁ ଜିଲାପାଳଙ୍କ ତାଗିଦ
- ■ଶିଳ୍ପାନୁଷ୍ଠାନ ପାଉଁଶରେ ପୋତାଯିବ, ଲାଗିବ ୧୪୪ ଧାରା

ଢେଙ୍କାନାଳ ଜିଲାରେ ପଥର ମାଫିଆଙ୍କ ଦୌରାତ୍ମ୍ୟ ରୋକିବା ଲାଗି ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏଭଳି ବେଆଇନ କାର୍ଯ୍ୟ ଚାଲୁଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ରାତି ଅଧିଆ ଚଢ଼ାଉ ଆରମ୍ଭ ହୋଇଛି। ରାଜସ୍ୱ ବିଭାଗ କର୍ମଚାରୀଙ୍କ କର୍ତ୍ତବ୍ୟରେ ଅବହେଳା କାରଣରୁ ଏଭଳି ବେଆଇନ କାରବାର ବଢ଼ିବାରେ ଲାଗିଛି। ଏଥିପ୍ରତି ସତର୍କ ନ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜିଲାପାଳ ସରୋଜ କୁମାର ସେଠୀ ସତର୍କ କରାଇଛନ୍ତି। ସେହିପରି ଉକ୍ତ ଖାଦାନଗୁଡ଼ିକୁ ପାଉଁଶରେ ପୋତିବା ପାଇଁ ଶିଳ୍ପାନୁଷ୍ଠାନଗୁଡ଼ିକୁ କୁହାଯାଇଛି। ଏହାପରେ ସେଠାରେ ଚାରାରୋପଣ କରାଯିବ। ଏଥିସହ ୧୪୪ ଧାରା ଜାରି କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



ଗତ ସପ୍ତାହରେ ସଦର ଥାନା ଗୋବିନ୍ଦପୁର ଫାଣ୍ଡି କୁରୁମଟାଙ୍ଗର ଗ୍ରାମ ନିକଟ ଜଙ୍ଗଲରେ ହାତୀଙ୍କ ଗତିବିଧି ଅନୁଧ୍ୟାନ କରିବାକୁ ଯାଇଥିବାବେଳେ ଡିଏଫ୍‌ଓ ଚୋରା ପଥର ଚାଲାଣକାରୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାରେ ୬ଜଣ ଗିରଫ ହୋଇଛନ୍ତି। ଓଡ଼ାପଡ଼ା, ଇନ୍ଦିପୁର ସମେତ ସଦର ବ୍ଲକ ଅଞ୍ଚଳରେ ଚଢ଼ାଉ ବେଳେ ବନ ବିଭାଗ, ପୋଲିସ କର୍ମଚାରୀ, ପ୍ରଶାସନିକ ଅଧିକାରୀଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଛି। ଏହାପରେ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଜିଲା ପ୍ରଶାସନ। ଏ ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ବେଆଇନ ପଥର ଖାଦାନ ଉପରେ ଚଢ଼ାଉ ଜୋର୍‌ଦାର କରାଯିବ। କଟାଯାଇଥିବା ପଥର ନିଲାମ କରାଯିବାକୁ ଯୋଜନା କରାଯାଉଛି।

